# ତହସିଲ କାର୍ଯ୍ୟାଳୟ, ପଟାଙ୍ଗି

ଲଘୁ ଖଜିଜ ଉତ୍ସ ର ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

**[ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୧୬ ଅନୁଯାୟୀ]**

ବିଜ୍ଞପ୍ତି ସଂଖ୍ୟା- ୧୨୮୩/୨୦୨୦ ତାରିଖ- ୧୬/୦୭/୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପଟାଙ୍ଗି ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ (Annexure -I) ଲଘୁ ଖଣିଜ ଦ୍ରବ୍ୟ ସୈରାତଉତ୍ସ ଗୁଡ଼ିକୁ ଆସନ୍ତା ୫ (ପାଞ୍ଚ ) ବର୍ଷ ନିମନ୍ତେ ୨୦୨୦-୨୧ ଠାରୁ ୫ ବର୍ଷ ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ବାନ କରାଯାଉଅଛି ।

ପ୍ରକାଶ ଥାଉକି, ଲିଜରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସ ଗୁଡ଼ିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବାପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିମାନେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ( ସଂଶୋଧନ) ଆଇନ -୨୦୧୬ ରେ ବର୍ଣ୍ଣିତ ଫର୍ମ-"M" ରେ ପୂରଣ କରି ଏହାର ତିନିକିତା ନକଲ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ ।

୧) ଦରଖାସ୍ତ ପିସ୍ ବାବଦକୁ ଟ. ୧୦୦୦ ( ଏକ ହଜାର ) ଟଙ୍କା ଟ୍ରେଜେରୀ ଚାଲାଣ (Head of Account-*0853* – Non –Ferrous Mining and Metallurgical Industries- 102-Mineral Concession Fees, Rents and Royalties) ପଇଠ କରିବା ଆବଶ୍ୟକ ଯାହାକି ଫେରସ୍ତ ଯୋଗ୍ୟନୁହେଁ ।

2) ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୂର୍ଣ୍ଣ ବିବରଣୀ ତଥା ଏହି ବିଜ୍ଞାପନରେ ଉଲ୍ଲେଖ ଥିବା ଉତ୍ସରନାମ, ଖାତା ନଂ, ପ୍ଲଟନଂ,ରକବା ଏବଂ କିସମର ସଠିକ ତଥ୍ୟ ଲେଖିବା ବିଧେୟ ।

୩) ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୋଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

16/7/20

TAHASILDAR
POTTANGI

୪)  ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ ( Minimum Guaranteed Quantity ) ଉପରେ ଆବେଦନକାରୀ ଅତିକମ୍ ରେ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ଏବଂ ରୟାଲଟିର ସମପରିମାଣର ଏକ ବ୍ୟାଙ୍କ ପ୍ରତ୍ୟାଭୁତି (Bank Gurantee ) ଯାହର ଅବଧି ଅନ୍ତତଃ ଅଠର ମାସ ହେବା ଆବଶ୍ୟକ) ଅଥବା ଆବେଦନକାରୀ ତାଙ୍କର ନିଜସ୍ୱ ଆୟକର ଦାଖଲ ବିଗତ ୩ ବର୍ଷ ( Income Tax Return Filling ) ( 2016-17, 2017-18, 2018-19 ) ର ବିବରଣୀର ନକଲ ଦାଖଲ କରିବେ । ନଚେତ୍ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

୫)  ଆବେଦନକାରୀ ଯଥାକ୍ରମେ ଟ· ୩,୦୦,୦୦୦ ( ତିନି ଲକ୍ଷ ମାତ୍ର ) ପଥର ଖଣି ନିମନ୍ତେ ଏବଂ ଟ· ୧,୦୦,୦୦୦ (ଏକ ଲକ୍ଷ ମାତ୍ର ) ମୋରମ ଖଣି ନିମନ୍ତେ EMD (Earnest Money Deposit ) ବାବଦକୁ ତହସିଲଦାରଙ୍କ ନାମରେ ଏକ ବ୍ୟାଙ୍କ ଡ୍ରାଫ୍‌ଟ ( (Payable at SBI, Pottangi Branch ) ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୬)  ଡ଼ାକ ଦ୍ୱାରା ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ପରେ ଅର୍ଥାତ୍ ବିଳମ୍ବରେ ପହଞ୍ଚିଥିବା ଦରଖାସ୍ତ ପାଇଁ ପ୍ରାଧିକୃତ ଅଧିକାର ଦାୟୀ ନୁହଁନ୍ତି ।

୭)  ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ଼ ଅକ୍ଷରରେ କେଉଁ ସଇରାତ **ଉତ୍ସ** ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ - ଦିଆ ଲଫାପାରେ ରେଜିଷ୍ଟ୍ରି / ସ୍ପିଡ ଡ଼ାକ ଯୋଗେ ନିମ୍ନଲିଖିତ ଠିକଣାରେ ପ୍ରେରଣ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦା- ଦିଆ ଟେଣ୍ଡର ବକ୍ସରେ ତା ୧୭/୦୭/୨୦୨୦ ରିଖରୁ ୨୮/୦୭/୨୦୨୦ ଅପରାହ୍ନ ୪·୩୦ ଘଟିକା ସୁଦ୍ଧା ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ଏବଂ କାର୍ଯ୍ୟ ନିର୍ଘଣ୍ଟ ସମୟରେ ପକାଇବା ଆବଶ୍ୟକ ଏବଂ ତା ୨୯-୦୮-୨୦୨୦ ରିଖ ପୂର୍ବାହ୍ନ ୧୧·୦୦ ଘଟିକା ସମୟରେ ଦରଖାସ୍ତ ଗୁଡ଼ିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଓ ଡ଼ାକଦ୍ୱାରା ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯାଇ ଚୁଡ଼ାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକୁ ନାକଚ କରାଯିବ। ଧାର୍ଯ୍ୟସମୟ ପରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ନିଲାମ ପ୍ରକ୍ରିୟାରେ ବିବେଚନାକୁ ନିଆଯିବ ନାହିଁ ।

ଠିକଣା

**ଦହସିଲଦାରଙ୍କ କାର୍ଯ୍ୟାଳୟ, ପଟ୍ଟାଙ୍ଗି**

**ଗ୍ରାମ/ପୋଷ୍ଟ - ପଟ୍ଟାଙ୍ଗି, ଜିଲ୍ଲା- କୋରାପୁଟ**

**ପିନ- ୭୬୪୦୩୯**

ଆବେଦନ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ ( Additional Charge ) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ **ଉତ୍ସ** ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

TAHASILDAR
POTTANGI

ଆବେଦନକାରୀ ପ୍ରାଧିକୃତ ଅଧକାରୀଙ୍କ ଦ୍ୱାରା ( Competent Authority ) ଧାର୍ଯ୍ୟ ହୋଇଥିବା ରୟାଲିଟି ମୂଲ୍ୟ ଏବଂ Steel & Mines Department, Government of Odisha ର ଚିଠି ନଂ ୪୫୦୫ ତା· ୨୧·୦୫·୨୦୧୬ ଏବଂ OMMC Rules- ୨୦୧୬ ର ନିର୍ଦ୍ଦେଷ ପ୍ରକାରେ ଆବେଦନକାରୀ ଅତିରିକ୍ତ ଦେୟର ପରିମାଣ ରୟାଲିଟି ମୂଲ୍ୟର ଶତକଡ଼ା ୫ ଠାରୁ କମ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।

ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର ୭ (ସାତ) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମ- "F" ରେ ଜଣାଇ ଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ ( Security Deposit ) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ( District Mineral Foundation ) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି ( Security Deposit ) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି **ଉତ୍ସ** ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି· ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା ୩୦/୦୭/୨୦୨୦ ରୁ ୦୮/୦୮/୨୦୨୦ ଯେକୌଣସି କାର୍ଯ୍ୟଦିବସରେ ଅପରାହ୍ନ ୪·୩୦ ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତ କୁ ୧୦/୦୮/୨୦୨୦ ରିଖ ପୂର୍ବାହ୍ନ ୧୧·୦୦ ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯିବ । ସେହିପରି ଯଦି ଦ୍ୱିତୀୟ ଥର ମଧ୍ୟ କୌଣସି **ଉତ୍ସ** ପାଇଁ ଆଦୌ ଦରଖାସ୍ତ ଅସିନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡ଼ିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ତଥା ଶେଷ ଥର ପାଇଁ ତା ୧୧/୦୮/୨୦୨୦ ରୁ ୧୯/୦୮/୨୦୨୦ରିଖ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ଅପରାହ୍ନ ୪·୩୦ ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମୟ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ରେ ତା ୨୦/୦୮/୨୦୨୦ ରିଖ ପୂର୍ବାହ୍ନ ୧୧·୦୦ ଘଟିକା ସମୟରେ ଟେଣ୍ଡର ବକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡ଼ିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସଇରାତ **ଉତ୍ସ** ନିମନ୍ତେ ଏକକ ଦରଖାସ୍ତପ୍ରାପ୍ତ ହୋଇଥାଏ, ତେବେ ଏହି ଦରଖାସ୍ତଟିକୁ ଖୋଲାନଯାଇ ପରବର୍ତ୍ତୀ ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି **ଉତ୍ସ** ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରାନଯାଇଥାଏ ତେବେ ଏହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲାଯିବ । ମନୋନୀତ ଆବେଦନକାରୀ Mining Plan ତଥା Environmental Clearance ର ଖର୍ଚ୍ଚ ନିଜେ ବହନ କରିବେ ଏବଂ ଫର୍ମ- **"N"** ରେ ନିଜସ୍ୱ ଖର୍ଚ୍ଚରେ ଚୁକ୍ତିପତ୍ର ( Lease Agreement ) ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଲିଜ ନାକଚ ହେବ ଏବଂ ଅମାନତ ରାଶି ସରକାରୀ ତହବିଲରେ ଜମା ହେବ ।

TAHASILDAR
POTTANGI

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board ର Consent to Operate Order ଏହି କାର୍ଯ୍ୟାଳୟ ରେ ଦାଖଲ କରିବାକୁ ହେବ, ବିନା Consent to Operate Order ରେ ଲିଜଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

ପଥର ଓ ମୁରୁମ ପାଇଁ ସର୍ବନିମ୍ନ ରୟାଲିଟି ଓ ଅତିରିକ୍ତ ଦେୟର ମୂଲ୍ୟ ଘନମିଟର ପ୍ରତି ( Per Cubic Meter) ଯଥାକ୍ରମେ ଟ· ୧୩୮·୦୦ ( ୧୩୦ + ୮) ଓ ଟ· ୩୭·୦୦ (୩୫ + ୨) ଅଟେ ।

ଲିଜ୍ ଧାରୀ ସଇରତ ଉତ୍ସର ( Mining Plan ) ନକ୍ସା ଅନୁଯାୟୀ ଏହାର ସୀମାସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାବରେ ସୂଚନା ଫଳକ ( Display Board ) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବ ।

ଲିଜଧାରୀ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ( ରିହାତି) ନିୟମ- ୨୦୧୬ ର ଓ ତତ୍- ପରବର୍ତ୍ତୀ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ସଂଲଗ୍ନକ - **Annexure –I**

ତହସିଲଦାର, ପଟାଙ୍ଗି
TAHASILDAR
POTTANGI

ପରିପତ୍ର ସଂଖ୍ୟା — ୧୨୮୪/୨୦୨୦

ତା -୧୬/୦୭/୨୦୨୦

ଏହାର ଏକକିତା ନକଲ DIO, NIC, କୋରାପୁଟ ଙ୍କୁ ଜିଲ୍ଲା ୱେବ୍‌ସାଇଟ ରେ ବିଜ୍ଞାପନ ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଟାଙ୍ଗିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମପଞ୍ଚାୟତ ର ସରପଞ୍ଚମାନଙ୍କୁ ଅବଗତି ଓ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପଟାଙ୍ଗି
TAHASILDAR
POTTANGI

ପରିପତ୍ର ସଂଖ୍ୟା — ୧୨୮୫/୨୦୨୦

ତା — ୧୬/୦୭/୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, କୋରାପୁଟ / ଉପ-ଜିଲ୍ଲାପାଳ,କୋରାପୁଟ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତ ପ୍ରେରଣ କରାଗଲା

ତହସିଲଦାର, ପଟାଙ୍ଗି
TAHASILDAR
POTTANGI

# Annexure – I

| କ୍ରମିକ ନଂ | ସୈରାତ ଉତ୍ସ ର ନାମ | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | ରକବା (ଏକରରେ) | କିସମ | ରୟାଲ୍‌ଟି ଦର ( ଟଙ୍କାରେ /ଘ.ମି. ପ୍ରତି ) | ଅତିରିକ୍ତ ଦେୟ କର ( ଟଙ୍କାରେ /ଘ.ମି. ପ୍ରତି | ଅନ୍ୟୁନ ଉତ୍ତଳନ ପରିମାଣ ( ବର୍ଷକୁ ) (MGQ) in Cum. | ବ୍ୟାଙ୍କ **Gurantee** ପରିମାଣ | ଅମାନତ ଅଗ୍ରିମ ଯାହାକି ବ୍ୟାଙ୍କ ଡ୍ରାଫ୍‌ଟ ମାଧ୍ୟମରେ |
|---|---|---|---|---|---|---|---|---|---|---|---|
| ୧ | ପଥର ଖଣି | କୁର୍ଲି | 44 | 249 ଏବଂ 285 | 7.69 | ୨୪୯– ପଥର ବଣି ଏବଂ ୨୮୫– ପଥର ଚଟ୍ଟାଣ | 130.00 | 8.00 | 6048 | 834624 | 300000 |
| ୨ | ପଥର ଖଣି | ଦେଓ ପଟ୍ଟାଙ୍ଗି | 163 | 431 | 4.20 | ପର୍ବତ | 130.00 | 8.00 | 3013 | 415794 | 300000 |
| ୩ | ପଥର ଖଣି | କରଞ୍ଜ ଗୁଡ଼ା | 41 | 157 | 4.90 | ପାହାଡ଼ | 130.00 | 8.00 | 5054 | 697452 | 300000 |
| ୪ | ପଥର ଖଣି | ଓଲାପାରୁ | 25 | 39 | 4.80 | କୁପୁଲି | 130.00 | 8.00 | 3240 | 447120 | 300000 |
| ୫ | ପଥର ଖଣି | ସରଗି ଗୁଡ଼ା | 76 | 507 | 9.00 | ପାହାଡ଼ | 130.00 | 8.00 | 3060 | 422280 | 300000 |
| ୬ | ମୋରମ ଖଣି | ଓଲାପାରୁ | 25 | 241 | 4.02 | କୁପୁଲି | 35.00 | 2.00 | 5060 | 187220 | 100000 |
| ୭ | ମୋରମ ଖଣି | ପୁକାଲି | 186 | 245 | 6.30 | ପାହାଡ଼ | 35.00 | 2.00 | 5015 | 185555 | 100000 |
| ୮ | ମୋରମ ଖଣି | ପୁକାଲି | 186 | 1065 | 9.00 | ପାହାଡ଼ | 35.00 | 2.00 | 5280 | 195360 | 100000 |
| ୯ | ମୋରମ ଖଣି | ଓଲାପାରୁ | 25 | 200 | 12.30 | କୁପୁଲି | 35.00 | 2.00 | 5280 | 195360 | 100000 |

ତହସିଲଦାର, ପଟ୍ଟାଙ୍ଗି

TAHASILDAR
POTTANGI